ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/121/25-04-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୫ ଅପ୍ରେଲ, ୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରି ସହ ସଂଘର୍ଷ କରୁଥିବା ରାଜ୍ୟମାନଙ୍କୁ ଓଡ଼ିଶା ସହାୟତାର ହାତ ବଢ଼ାଇଛି । ତ୍ୱରିତ ପ୍ରତିକ୍ରିୟା ପ୍ରଦର୍ଶନପୂର୍ବକ ନିରବଚ୍ଛିନ୍ନ ଡାକ୍ତରୀ ଅମ୍ଳଯାନ ଯୋଗାଣ କରି ସମଗ୍ର ଦେଶରେ ଜୀବନ ରକ୍ଷା କରିବାରେ ଓଡ଼ିଶା ସାହାଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ହସ୍‌ପିଟାଲ୍‌ରେ ରୋଗୀ ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଅଗ୍ନିଶମ ସେବା, ଗୃହରକ୍ଷୀ ବାହିନୀ ଏବଂ ସିଭିଲ ଡିଫେନ୍ସକୁ ରାଜ୍ୟର ସମସ୍ତ କୋଭିଡ୍ ହସ୍‌ପିଟାଲ୍‌ର ସମୀକ୍ଷା କରିବା ଏବଂ ସେଠାରେ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ପାଇଁ ଜରୁରୀ ସାମଗ୍ରୀର ମହଜୁଦ ଓ କଳାବଜାରୀ ବିରୁଦ୍ଧରେ ଅଭିଯାନ ଜାରି ରଖି ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ମିଳିତ ଫ୍ଲାଇଙ୍ଗ ସ୍କ୍ୱାଡ୍ ବିଭିନ୍ନ ଫାର୍ମାସ୍ୟୁଟିକାଲ ଫାର୍ମ ଉପରେ ଚଢ଼ାଉ କରିଛନ୍ତି । ଏହି ପଦକ୍ଷେପ ଆବଶ୍ୟକୀୟ ଔଷଧ ଯୋଗାଣକୁ ସରଳ କରିବାରେ ସାହାଯ୍ୟ କରିଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କହିଛନ୍ତି ଯେ ଦମନ(DAMaN) ଅଭିଯାନ ଅନୁଯାୟୀ ମ୍ୟାଲେରିଆର ମୁକାବିଲା ପାଇଁ ଉପଯୁକ୍ତ ରଣକୌଶଳ ପ୍ରୟୋଗ କରି ଓଡ଼ିଶା ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଶ୍ୱରେ ଏକ ଆଦର୍ଶ ପାଲଟିଛି । ଏହି ରୋଗକୁ ସଂପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଆମର ପ୍ରୟାସକୁ ଆହୁରି ଜୋରଦାର କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମାନ୍ୟବର ସାଂସଦ ଶ୍ରୀ ଜୁଏଲ୍ ଓରାମ୍ କୋଭିଡ୍ ସଂକ୍ରମିତ ହୋଇଥିବା ଜାଣି ଚିନ୍ତା ବ୍ୟକ୍ତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- মାନ୍ୟବର ମୁଖ୍ୟମନ୍ତ୍ରୀ ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଶ୍ରୀ ସୁଦାମ ମାର୍ଣ୍ଡି କୋଭିଡ୍ ସଂକ୍ରମିତ ହୋଇଥିବା ଜାଣି ଚିନ୍ତା ବ୍ୟକ୍ତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପରିବେଶ ଓ ଜୈବବିବିଧତାର ସୁରକ୍ଷା ପାଇଁ ରାଜ୍ୟ ସରକାର ବୌଦ୍ଧ ଜିଲ୍ଲାସ୍ଥିତ ବୀରନରସିଂହପୁରର ନନ୍ଦନବନକୁ ଏକ ପରିବେଶ ଉଦ୍ୟାନରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏହି ଯୋଜନାର ଏକ ଅଂଶ ଭାବରେ ଗୋଟିଏ ଜଙ୍ଗଲ ନର୍ସରୀ ପ୍ରସ୍ତୁତ ହେବ ଏବଂ ପଶୁମାନଙ୍କ ପାଇଁ ଅଲଗା ସ୍ଥାନ ଦିଆଯିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରାଞ୍ଚଳ ମଜୁରୀଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହେଉଥିବା ବର୍ଷାଜଳ ଅମଳ ପ୍ରକଳ୍ପରେ ମିଶନ ଶକ୍ତି ଗୋଷ୍ଠୀଙ୍କୁ ସାମିଲ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳର ପ୍ରତି ୱାର୍ଡରେ ଆସନ୍ତା ମୌସୁମୀର ୨ ମାସ ମଧ୍ୟରେ ୫୦୦୦ ବର୍ଷାଜଳ ଅମଳ ପ୍ରକଳ୍ପ କରିବାକୁ ଲକ୍ଷ ରହିଛି ବୋଲି ସେ ପ୍ରକାଶ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୮,୭୮,୨୫୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୪,୦୭, ୪୫୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୫୯, ୪୬୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୮୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୪୫,୯୪୯ ରହିଛି ।
- ୪୫,୯୪୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**